# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**6 June – 2024**

---

# ଏନ୍‌ଡିଏ ବୈଠକ

ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀରେ ଏନ୍‌ଡିଏ ନେତାମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀ ମୋଦୀ ଏନ୍‌ଡିଏର ନେତା ନିର୍ବାଚିତ ହୋଇଛନ୍ତି । ଏନ୍‌ଡିଏ ସରକାର ଗଠନ ପାଇଁ ୧୬ଟି ସହଯୋଗୀ ଦଳର ୨୧ନେତା ତାଙ୍କୁ ସମର୍ଥନପତ୍ର ଦେଇଛନ୍ତି । ଏହାସହ ତୃତୀୟଥର ପାଇଁ ଶ୍ରୀ ମୋଦୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ । ଏହି ବୈଠକରେ ନିର୍ବାଚନ ଫଳାଫଳ ଉପରେ ମଧ୍ୟ ସମୀକ୍ଷା ହୋଇଥିଲା । ଗରିବ, ମହିଳା, ଯୁବ, କୃଷକ ଓ ସମାଜର ବଞ୍ଚିତ ବର୍ଗଙ୍କ ମଙ୍ଗଳ ପାଇଁ ସରକାର କାର୍ଯ୍ୟ ଜାରି ରଖିବା ନେଇ ଏକ ସଂକଳ୍ପନାମା ପାରିତ ହୋଇଥିଲା ।

ସୂଚନାଯୋଗ୍ୟ, ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସଂଖ୍ୟା ଗରିଷ୍ଠତା ହାସଲ କରିଛି । ୫୪୩ ଲୋକସଭା ଆସନ ମଧ୍ୟରୁ ଏନ୍.ଡି.ଏ.କୁ ୨୯୨ଟି ଆସନ ମିଳିଛି। ଇଣ୍ଡି ମେଣ୍ଟ ୨୩୩ଟି ସିଟ୍‌ରେ ବିଜୟ ହାସଲ କରିଛି । ଅନ୍ୟାନ୍ୟ ୧୮ଟି ଆସନ ପାଇଛନ୍ତି । ବିଜେପି ଏକାକୀ ୨୪୦ ସିଟ୍ ପାଇଥିବା ବେଳେ ତେଲୁଗୁ ଦେଶମ୍ ୧୬ ଏବଂ ଜେ.ଡି.ୟୁ. ୧୨ଟି ଆସନ ପାଇଛି । ସେହିଭଳି କଂଗ୍ରେସ ଏକାକୀ

୯୯ଟି ଆସନ ଜିତିଥିବା ବେଳେ ସମାଜବାଦୀ ପାର୍ଟି ୩୭, ତୃଣମୂଳ କଂଗ୍ରେସ ୨୯ ଏବଂ ଡି.ଏମ୍.କେ. ୨୨ଟି ସିଟ୍ ହାସଲ କରିଛି ।

## ବିଜେଡି ବୈଠକ

ନିର୍ବାଚନ ଶେଷ ହେବା ପରେ ଗତକାଲି ସଂଧ୍ୟାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବ ନିର୍ବାଚିତ ବିଧାୟକଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ପଟ୍ଟନାୟକ ବିଧାୟକଙ୍କୁ ଲୋକଙ୍କ ସେବା ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ବିଜେଡିର ନିର୍ବାଚନ ଫଳକୁ ନେଇ ଏକ ସମୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଛି । ଖୁବ୍‌ଶୀଘ୍ର ଦଳର ବରିଷ୍ଠ ନେତାଙ୍କୁ ନେଇ ଏକ କମିଟି ଗଠନ କରାଯିବ ବୋଲି ଜଣାପଡିଛି ।

## ବୁଝାମଣାପତ୍ର ସ୍ୱାକ୍ଷରିତ

ଆପଦକାଳୀନ ସମୟରେ ବିପର୍ଯ୍ୟୟର ମୁକାବିଲା, ଉଦ୍ଧାର ଓ ଥଇଥାନ ପାଇଁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଏବଂ ନ୍ୟୁରୋ ବିଜ୍ଞାନ ଅନୁଷ୍ଠାନ ବେଙ୍ଗାଲୁରୁ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତାଲିମ ଓ ଦକ୍ଷତା ବୃଦ୍ଧି କରିବା । ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉପସ୍ଥିତ ଥିଲେ ।

## ହାତୀଗଣନା

ରାଜ୍ୟରେ ବର୍ତ୍ତମାନ ୨ହଜାର ୯୮ଟି ହାତୀ ଥିବା ହାତୀଗଣନା ରିପୋର୍ଟରୁ ପ୍ରକାଶ ପାଇଛି । ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୪୦୩ ହାତୀଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ ୭ବର୍ଷ ପରେ ରାଜ୍ୟରେ ୩ଦିନିଆ ହାତୀଗଣନା କରାଯାଇଥିଲା । ୨୦୧୭ ମସିହାରେ ରାଜ୍ୟରେ ମୋଟ୍ ୧ହଜାର ୯୭୬ ହାତୀ ଥିଲେ । ଚଳିତଥର ଗଣନାରେ ହାତୀଙ୍କ ସଂଖ୍ୟା ଆଉ ୧୨୨ଟି ବୃଦ୍ଧି ପାଇଛି । ଏହି ଗଣନା କାର୍ଯ୍ୟ ୨୮ଟି ଜିଲ୍ଲାର ୩୮ଟି ବନଖଣ୍ଡରେ ହୋଇଥିଲା ।

---

## +୨ ନାମଲେଖା

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ-୨ରେ ଚଳିତବର୍ଷ ନାମଲେଖା ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହେବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନ ବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ପୂର୍ବାହ୍ଣ ୧୧ଟାରେ **www.samsodisha.gov.in** ରେ କମନ ଆପ୍ଲିକେଶନ ଫର୍ମ ଉପଲବ୍ଧ ହେବ । ଆଗ୍ରହୀ ଛାତ୍ରଛାତ୍ରୀ ଆଜି ନାମ ପଞ୍ଜିକରଣ କରିପାରିବେ । ଜୁଲାଇ ୧୮ ତାରିଖ ପୂର୍ବାହ୍ଣ ୧୧ଟା ୪୫ରେ ମେଧାତାଲିକା ପ୍ରକଶ ପାଇବା ପରେ ଯୋଗ୍ୟ ଛାତ୍ରଛାତ୍ରୀମାନେ ଜୁଲାଇ ୧୯ରୁ ୨୩ ମଧ୍ୟରେ ନାମ ଲେଖାଇ ପାରିବେ ।

---

## ଯୁଗ୍ମ ପ୍ରବେଶିକା ପରୀକ୍ଷା

ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଆରମ୍ଭ ହୋଇଛି । ବି-ଟେକ୍, ଏଲିଟେକ୍, ଏମ୍‌ବିଏ, ଏମ୍‌ସିଏ ଓ ବି-ଫାର୍ମା ପଢ଼ିବା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ଏଥିପାଇଁ ୧୧ତାରିଖ ପର୍ଯ୍ୟନ୍ତ **www.ojee.nic.in** ରେ ଆବେଦନ କରିପାରିବେ । ପ୍ରଥମ ପର୍ଯ୍ୟାୟ କାଉନ୍‌ସେଲିଂ ପରେ ବଳକା ରହିଥିବା ସିଟ୍‌ରେ ସ୍ୱତନ୍ତ୍ର ଓଜେଇଇରେ ର୍‍ୟାଙ୍କ ପାଇଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ ।

---

## ସାବିତ୍ରୀ

ସାବିତ୍ରୀ ବ୍ରତ ପାଇଁ ଆଜି ସଧବା ମହିଳାମାନେ ସ୍ୱାମୀଙ୍କର ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରୁଛନ୍ତି । ପୁରାଣ କଥା ଅନୁଯାୟୀ ମହାସତୀ ସାବିତ୍ରୀ ନିଜ ସ୍ୱାମୀଙ୍କୁ ଯମ ମୁହଁରୁ ଛଡାଇ ଆଣିଥିଲେ । ସେହିପରି ସ୍ତ୍ରୀମାନେ ବହୁ ବାଧାବିଘ୍ନ ଅମଙ୍ଗଳଠାରୁ ଦୂରେଇ ରଖି ସ୍ୱାମୀଙ୍କର ଦୀର୍ଘାୟୁ କାମନା କରିଥାନ୍ତି । ଏହି ଉପଲକ୍ଷେ ବିଭିନ୍ନ ମନ୍ଦିରରେ ସକାଳୁ ଫଳମୂଳ ସହ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

---

## କଳାହାଣ୍ଡି କପ୍

କଟକର ୪ଟି ଖେଳପଡିଆରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁପରଲିଗ୍ ଗତକାଲିଠାରୁ ଆରମ୍ଭ ହୋଇଛି । ଖେଳର ଶେଷ ସୁଦ୍ଧା କଟକ-ଏ ୯୦ ଓଭରରେ ୭ ଓ୍ୱିକେଟ୍ ହରାଇ ୩୨୭ରନ୍ କରିଛି ।

ରେଭେନ୍ସା ପଡ଼ିଆରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଇକୋର୍ସା ଦଳ ଟସ୍ ଜିତି କଟକ-ଏକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗତକାଲି ବୌଦ୍ଧରେ ସର୍ବାଧିକ ଦିନ ତାପମାତ୍ରା ୪୨ ଦଶମିକ ୫ ଡିଗ୍ରୀ ସେଲସିୟ ରେକର୍ଡ କରାଯାଇଛି । ସେହିଭଳି ବଲାଙ୍ଗୀରରେ ତାପମାତ୍ରା ୪୧ ଦଶମିକ ୪ ଡିଗ୍ରୀ ଏବଂ ଟିଟଲାଗଡରେ ୪୦ ଦଶମିକ ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଅନ୍ୟପକ୍ଷରେ ଆଜି ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।